# NATIONAL NEWS BULLETIN (ODIA)

## 24th June - 2025

## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଶୁଭେନ୍ଦୁ କୁମାର ପଣ୍ଡା**

## ମୁଖ୍ୟ ସମ୍ବାଦ

- ଆତଙ୍କବାଦ ବିରୋଧରେ ଆଭିମୁଖ୍ୟ ବିଶ୍ୱ ସ୍ତରରେ ଭାରତ ସ୍ପଷ୍ଟ କରିଛି ବୋଲି କହିଲେ ପ୍ରଧାନମନ୍ତ୍ରୀ ।
- ଅପରେସନ୍ ସିନ୍ଧୁ ଅଧୀନରେ ଏପର୍ଯ୍ୟନ୍ତ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କଲେ ୨ ହଜାର ୫୮୦ ଜଣ ।
- ଇ.ପି.ଏଫ୍.ଓ. ଅଗ୍ରୀମ ଅଟୋ ସେଟଲ୍‌ମେଣ୍ଟ ସୀମା ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ସରକାରଙ୍କ ନିଷ୍ପତ୍ତି ।
- ଇସ୍ରାଏଲ ଓ ଇରାନ୍ ମଧ୍ୟରେ ଅସ୍ତ୍ରବିରତି ବଳବତ୍ତର ରହିଛି ବୋଲି ସୂଚନା ଦେଲେ ଆମେରିକା ରାଷ୍ଟ୍ରପତି ।

ଏବଂ

- ହେଡିଙ୍ଗ୍‌ଲେ ଟେଷ୍ଟରେ ଇଂଲଣ୍ଡର ଦ୍ୱିତୀୟ ଇନିଙ୍ଗ୍‌ସ ବ୍ୟାଟିଂ ଜାରି; ମଧ୍ୟାହ୍ନ ବିରତି ସୁଦ୍ଧା କୌଣସି ୱିକେଟ୍ ନ ହରାଇ ସଂଗ୍ରହ କରିଛି ୧୧୭ ରନ୍ ।

## ପି.ଏମ୍. - ସେଣ୍ଟେନାରୀ ସେଲିବ୍ରେସନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଭାରତୀୟମାନଙ୍କୁ ଆକ୍ରମଣ କରୁଥିବା ଆତଙ୍କବାଦୀମାନଙ୍କପାଇଁ ଏଠାରେ କୌଣସି ସୁରକ୍ଷିତ ଆଶ୍ରୟସ୍ଥଳ ନାହିଁ ବୋଲି ଭାରତ ଏହା ସ୍ପଷ୍ଟ କରିଛି । ଅପରେସନ ସିନ୍ଦୂର ଅଭିଯାନକୁ ଦୃଷ୍ଟିରେ ରଖି ଶ୍ରୀ ମୋଦି ଏହା କହିଛନ୍ତି । ବର୍ତ୍ତମାନ ବିଶ୍ୱ ଭାରତର ଶକ୍ତି ପ୍ରଦର୍ଶନ ଦେଖିସାରିଛି ଏବଂ ଏହା ବିଶ୍ୱସ୍ତରରେ ଆତଙ୍କବାଦୀଙ୍କ ବିରୋଧରେ ତା'ର ଆଭିମୁଖ୍ୟ ସ୍ପଷ୍ଟ କରିଛି ବୋଲି ସେ କହିଛନ୍ତି । ଭାରତର ଆଧ୍ୟାତ୍ମିକ ପ୍ରବକ୍ତା ନାରାୟଣ ଗୁରୁ ଓ ଜାତିର ପିତା ମହାତ୍ମାଗାନ୍ଧିଙ୍କ ମଧ୍ୟରେ ହୋଇଥିବା ନୂଆଦିଲ୍ଲୀରେ ଅନୁଷ୍ଠିତ ଐତିହାସିକ ଆଲୋଚନାର ଶତବାର୍ଷିକୀ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ଆଜିର ଭାରତ କେବଳ ଜାତୀୟ ସ୍ୱାର୍ଥପାଇଁ ଯାହା ଠିକ୍, ତାହାକୁ ଆଧାର କରି ନିଷ୍ପତ୍ତି ନେଇଥାଏ । ସାମରିକ ଆବଶ୍ୟକତାପାଇଁ ବିଦେଶୀ ରାଷ୍ଟ୍ର ଉପରେ ଦେଶର ନିର୍ଭରଶୀଳତା କ୍ରମାଗତ ଭାବେ ହ୍ରାସ ପାଉଛି ବୋଲି ସେ କହିଛନ୍ତି । ଦେଶ ପ୍ରତିରକ୍ଷା କ୍ଷେତ୍ରରେ

ଆତ୍ମନିର୍ଭରଶୀଳ ହେବା ସହ ଏହି ପରିବର୍ତ୍ତନ ଅପରେସନ ସିନ୍ଦୂର ସମୟରେ ସ୍ପଷ୍ଟଭାବେ ପ୍ରଦର୍ଶିତ ହୋଇଥିଲା ବୋଲି ଶ୍ରୀ ମୋଦି କହିଛନ୍ତି । ଭାରତୀୟ ସେନା ସ୍ୱଦେଶ ଜ୍ଞାନକୌଶଳରେ ନିର୍ମିତ ଯୁଦ୍ଧାସ୍ତ୍ର ବ୍ୟବହାର କରି ଶତ୍ରୁକୁ ୨୨ ମିନିଟ୍ ମଧ୍ୟରେ ଆତ୍ମସମର୍ପଣ କରିବାକୁ ବାଧ୍ୟ କରିଥିଲା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଆଗାମୀ ଦିନରେ ଦେଶରେ ନିର୍ମିତ ଯୁଦ୍ଧାସ୍ତ୍ର ବିଶ୍ୱ ସ୍ତରରେ ସ୍ୱୀକୃତି ଏବଂ ଗରିମା ହାସଲ କରିବ ବୋଲି ସେ ଆସ୍ଥା ପ୍ରକଟ କରିଛନ୍ତି ।

***Voice (PM 1)*** :......

ଦେଶର ଆକାଂକ୍ଷା ପୂରଣ କରିବାପାଇଁ ଶ୍ରୀ ନାରାୟଣ ଗୁରୁଙ୍କ ଶିକ୍ଷାକୁ ପ୍ରତ୍ୟେକ ନାଗରିକଙ୍କ ନିକଟରେ ପହଞ୍ଚାଇବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଏ ଦିଗରେ ସରକାର ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି ବୋଲି ସେ ସୂଚନା ଦେଇଛନ୍ତି । ଶ୍ରୀ ନାରାୟଣ ଗୁରୁଙ୍କ ଜୀବନ ସହିତ ଜଡ଼ିତ ତୀର୍ଥସ୍ଥଳଗୁଡ଼ିକୁ ସଂଯୋଗ କରିବାପାଇଁ ଶିବଗିରି ମଠର ବିକାଶ କାର୍ଯ୍ୟ ଆଗେଇ ଚାଲିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ତାଙ୍କ ଆଶୀର୍ବାଦ ଓ ଶିକ୍ଷା ଏହି ଅମୃତକାଳ ମାଧ୍ୟମରେ ଦେଶକୁ ମାର୍ଗଦର୍ଶନ ପ୍ରଦାନ କରିବ ବୋଲି ସେ ବିଶ୍ୱାସ ପ୍ରକଟ କରିଛନ୍ତି । ଭାରତର ଜନସାଧାରଣ ଏକ ବିକଶିତ ରାଷ୍ଟ୍ର ସ୍ୱପ୍ନକୁ ସାକାର କରିବେ ବୋଲି ସେ କହିଛନ୍ତି । ଶ୍ରୀ ନାରାୟଣ ଗୁରୁଙ୍କ ଆଦର୍ଶ ସମଗ୍ର ମାନବ ଜାତିପାଇଁ ଏକ ବଡ଼ ସମ୍ପତ୍ତି । ଶତାବ୍ଦୀ ପୂର୍ବରୁ ଶିବଗିରି ମଠରେ ଶ୍ରୀ ନାରାୟଣ ଗୁରୁ ଓ ମହାତ୍ମାଗାନ୍ଧିଙ୍କ ମଧ୍ୟରେ ହୋଇଥିବା ଐତିହାସିକ ବାର୍ତ୍ତାଳାପ ସ୍ୱାଧୀନତା ଆନ୍ଦୋଳନକୁ ନୂତନ ଦିଗ୍‌ଦର୍ଶନ ଦେବା

ସହ ଆଜି ମଧ୍ୟ ଏହା ବିକଶିତ ଭାରତର ଯାତ୍ରାକୁ ସଫଳ କରିବାରେ ପ୍ରେରଣା ଯୋଗାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

***Voice (PM 2)*** :……

# ଅପରେସନ ସିନ୍ଧୁ

ଅପରେସନ୍ ସିନ୍ଧୁ ଅଧୀନରେ ଅପରାହ୍ଣରେ ଆଜି ୨୮୬ ଜଣ ନାଗରିକ ଦିଲ୍ଲୀ ବିମାନ ବନ୍ଦରରେ ଆସି ପହଞ୍ଚିଛନ୍ତି । ସେମାନଙ୍କ ମଧ୍ୟରେ ୩ ଜଣ ଶ୍ରୀଲଙ୍କା ଏବଂ ୨ ଜଣ ନେପାଳୀ ନାଗରିକ ଅଛନ୍ତି । ବୈଦେଶିକ ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା କହିଛନ୍ତି, ସରକାର ଏହି ନାଗରିକମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିବଦ୍ଧ । ସେ କହିଛନ୍ତି, ଇରାନ୍‌ରୁ ଆସୁଥିବା ଏକାଦଶ ପର୍ଯ୍ୟାୟରେ ଏପର୍ଯ୍ୟନ୍ତ ୨ ହଜାର ୫୮୦ ଜଣ ନାଗରିକ ଭାରତରେ ପହଞ୍ଚିଛନ୍ତି ।  ଇସ୍ରାଏଲ୍‌ରୁ ୩ଟି ବିମାନ ଯୋଗେ ୫୯୪ ଜଣ ଭାରତୀୟଙ୍କ ସହ ପଡ଼ୋଶୀ ଦେଶର ୬ ଜଣ ନାଗରିକଙ୍କୁ ଉଦ୍ଧାର କରାଯାଇ ଭାରତ ଅଣାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## ପି.ଏମ୍. - ଫୁଡ୍ ପ୍ରୋସେସିଙ୍ଗ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଭାରତରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି । ଫଳରେ ଏହା ଗ୍ରାମୀଣ ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବାରେ ସହାୟକ ହୋଇଛି । ଏକ ସମ୍ବାଦପତ୍ରରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପମନ୍ତ୍ରୀ ଚିରାଗ ପାଶସ୍ୱାନ୍ଙ୍କଦ୍ୱାରା ପ୍ରକାଶିତ ଏକ ଲେଖାକୁ ସେୟାର କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଏକ ଗତିଶୀଳ ପରିବର୍ତ୍ତନ ଆସିଛି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପାଶୱାନ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏହି କ୍ଷେତ୍ରରେ ଏପରି ପରିବର୍ତ୍ତନ ଆସିଥିବା ଉଲ୍ଲେଖ କରିଛନ୍ତି । ଏହା ଦେଶର ଅଭିବୃଦ୍ଧି, କୃଷି ଔଦ୍ୟୋଗିକ ସମନ୍ୱୟ ତଥା ବିଶ୍ୱ ସ୍ତରରେ ଏକ ଶକ୍ତିଶାଳୀ ଉପକରଣ ଭାବେ ଉଭା ହୋଇଛି ବୋଲି ଶ୍ରୀ ପାଶୱାନ କହିଛନ୍ତି ।

## ମନସୁଖ - ଇ.ପି.ଏଫ୍.ଓ.

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ - ଇ.ପି.ଏଫ୍.ଓ. ଅଗ୍ରୀମ ଅଟୋ ସେଟଲ୍‌ମେଣ୍ଟ ସୀମାକୁ ୧ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି । ଏହି ଅର୍ଥରାଶି ୭୨ ଘଣ୍ଟା ମଧ୍ୟରେ ହିତାଧିକାରୀମାନଙ୍କୁ ପ୍ରଦାନ

କରାଯିବ ବୋଲି କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରୀ ମନସୁଖ ମାଣ୍ଡବୀୟ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି । ଏହାକୁ ଏକ ଲୋକାଭିମୁଖୀ ପଦକ୍ଷେପ ବୋଲି ଅଭିହିତ କରି ଶ୍ରୀ ମାଣ୍ଡବୀୟ କହିଛନ୍ତି, ଏ କ୍ଷେତ୍ରରେ ୨୦୨୩-୨୪ ଆର୍ଥିକ ବର୍ଷରେ ଅଣାନବେ ଲକ୍ଷରୁ ଅଧିକ ଅର୍ଥ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିବାବେଳେ ଗତ ଆର୍ଥିକ ବର୍ଷରେ ୨ କୋଟି ୩୨ ଲକ୍ଷ ଅର୍ଥ ପ୍ରଦାନ କରାଯାଇଛି ।

## ଇସ୍ରାଏଲ୍-ଇରାନ୍ ସିଜ୍‌ଫାୟାର୍

ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ୍ ଟ୍ରମ୍ପ୍ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ଇସ୍ରାଏଲ୍ ଓ ଇରାନ୍ ମଧ୍ୟରେ ଅସ୍ତ୍ରବିରତି ବଳବତ୍ତର ରହିଛି । ଇସ୍ରାଏଲ୍ ଇରାନ୍ ଉପରେ ଆକ୍ରମଣ କରିବ ନାହିଁ ଏବଂ ସମସ୍ତ ଯୁଦ୍ଧବିମାନକୁ ଫେରାଇ ନେବ । ଅସ୍ତ୍ରବିରତି ଜାରି ରହିଥିବାରୁ ଉଭୟ ଦେଶ ଆକ୍ରମଣରୁ ବିରତ ରହିବେ ଏବଂ ଏହା କାହାରିକୁ କ୍ଷତି ପହଞ୍ଚାଇବ ନାହିଁ । ପୂର୍ବରୁ ଇସ୍ରାଏଲ୍ ଏବଂ ଇରାନ ଉଭୟ ଅସ୍ତ୍ରବିରତି ଉଲ୍ଲଙ୍ଘନ କରିଛନ୍ତି ବୋଲି ଶ୍ରୀ ଟ୍ରମ୍ପ୍ କହିଥିଲେ ।

ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ ପୂର୍ବରୁ କହିଥିଲା, ଡୋନାଲ୍‌ଡ୍ ଟ୍ରମ୍ପ୍‌ଙ୍କ ଅସ୍ତ୍ରବିରତି ଘୋଷଣା ସତ୍ତ୍ୱେ ଇରାନ୍ କ୍ଷେପଣାସ୍ତ୍ର ଆକ୍ରମଣ କରିଛି । ଇସ୍ରାଏଲ୍

ଇରାନ୍ ସହିତ ଦ୍ୱିପାକ୍ଷିକ ଅସ୍ତ୍ରବିରତି ପାଇଁ ରାଜି ହୋଇଥିବା ସ୍ପଷ୍ଟ କରିବା ପରେ ଇରାନ୍ ଏହି ଆକ୍ରମଣ କରିଥିବା ନେଇ ଇସ୍ରାଏଲ୍ ସୂଚନା ଦେଇଛି ।

## ହେଭି ଇଣ୍ଡଷ୍ଟ୍ରି - ଇ.ଭି.

ଦେଶରେ ବୈଦ୍ୟୁତିକ ପାସେଞ୍ଜର୍ କାର୍ ନିର୍ମାଣକୁ ପ୍ରୋତ୍ସାହିତ କରିବା ଯୋଜନା ଅଧୀନରେ ବିଶ୍ୱ ବୈଦ୍ୟୁତିକ ଯାନବାହନ କମ୍ପାନୀମାନଙ୍କଠାରୁ ଆବେଦନ ଆହ୍ୱାନ ପାଇଁ ସରକାର ନୂତନ ନୂତନ ପୋର୍ଟାଲ୍‌ର ଶୁଭାରମ୍ଭ କରିଛନ୍ତି । ଏହି ପୋର୍ଟାଲ୍‌ରେ ଆବେଦନକାରୀମାନଙ୍କପାଇଁ ଆସନ୍ତା ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ । ନୂଆଦିଲ୍ଲୀରେ ଏହି ପୋର୍ଟାଲ୍‌ର ଶୁଭାରମ୍ଭ କରିବା ଅବସରରେ ଭାରିଶିଳ୍ପ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ କହିଛନ୍ତି, ଏହି ପଦକ୍ଷେପ ସ୍ୱଚ୍ଛ, ଆତ୍ମନିର୍ଭରଶୀଳ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଗତିଶୀଳତା ଆଡ଼କୁ ଦେଶକୁ ଆଗେଇ ନେବ । ଏହି ପୋର୍ଟାଲ୍ ଆରମ୍ଭ ହେବା ଫଳରେ ବିଶ୍ୱର ବିଭିନ୍ନ ଯାନ ନିର୍ମାତାମାନେ ଭାରତୀୟ ବଜାରରେ ପ୍ରବେଶ କରିପାରିବେ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଆସନ୍ତା ୨୦୭୦ ସୁଦ୍ଧା ଦେଶକୁ ପ୍ରଦୂଷଣମୁକ୍ତ କରିବାରେ ଏହି ପଦକ୍ଷେପ ସହାୟକ ହେବା ସହ ଦେଶର ଅର୍ଥନୀତିକୁ ଏକ ନୂତନ ଗତି ପ୍ରଦାନ କରିବ ବୋଲି ଶ୍ରୀ କୁମାରସ୍ୱାମୀ କହିଛନ୍ତି ।

## ଗଭ୍ - କ୍ରପ୍‌ୱାଇଜ୍ କ୍ୟାମ୍ପେନ୍

ସରକାର ଦେଶରେ ଫସଲ ଉତ୍ପାଦନ ବୃଦ୍ଧିପାଇଁ ଫସଲଭିତ୍ତିକ ଅଭିଯାନ ଆରମ୍ଭ କରିବେ । ନୂଆଦିଲ୍ଲୀରେ ଗଣମାଧ୍ୟମ ସହ ଆଲୋଚନା କରି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି, ଏହି ଅଭିଯାନ ମଧ୍ୟପ୍ରଦେଶର ଇନ୍ଦୋରରେ ସୋୟାବିନ୍ ଫସଲକୁ ନେଇ ଆରମ୍ଭ ହେବ । ଚାଷୀ, ବୈଜ୍ଞାନିକ ଏବଂ ଅଂଶୀଦାରମାନେ ଏହି ଅଭିଯାନରେ ସାମିଲ୍ ହୋଇ ସୋୟାବିନ୍ ଅମଳ ବୃଦ୍ଧି ଉପରେ ଆଲୋଚନା କରିବେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି, ଏହାପରେ କପା, ଆଖୁ ଏବଂ ତୈଳବୀଜ ଫସଲର ଉତ୍ପାଦନ ବୃଦ୍ଧିପାଇଁ ବୈଠକମାନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ।

## ଇ.ସି.ଆଇ. - ରାହୁଲ୍ ଗାନ୍ଧି

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ସମୟରେ ଅନିୟମିତତା ହେବା ନେଇ ବରିଷ୍ଠ କଂଗ୍ରେସ ନେତା ରାହୁଲ୍ ଗାନ୍ଧି କରିଥିବା ଅଭିଯୋଗକୁ ନିର୍ବାଚନ କମିଶନ ଖଣ୍ଡନ କରିଛନ୍ତି । ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ବିକେନ୍ଦ୍ରୀକରଣ ପଦ୍ଧତିରେ ପରିଚାଳିତ ହୋଇଥିଲା । ସମସ୍ତ ଭୋଟ୍‌ଗଣତି କେନ୍ଦ୍ରରେ ବିଭିନ୍ନ

ରାନୈତିକ ଦଳର ବୁଥ୍‌ସ୍ତରୀୟ ଏଜେଣ୍ଟମାନେ ଉପସ୍ଥିତ ଥାଇ ଏହାର ସଠିକ୍ ପରିଚାଳନା କରାଯାଇଥିବା ନେଇ ନିର୍ବାଚନ ଆୟୋଗ ସ୍ପଷ୍ଟ କରିଛନ୍ତି । ଏ ସମ୍ପର୍କରେ ଆଲୋଚନାପାଇଁ ଶ୍ରୀ ଗାନ୍ଧିଙ୍କୁ ନିର୍ବାଚନ କମିଶନ ଏକ ସୁବିଧାଜନକ ତାରିଖରେ ନିମନ୍ତ୍ରଣ କରିବେ ବୋଲି କହିଛନ୍ତି ।

## ଟେଷ୍ଟ କ୍ରିକେଟ୍

ହେଡିଙ୍ଗ୍‌ଲେ ଟେଷ୍ଟ ମ୍ୟାଚ୍‌ର ଆଜି ପଞ୍ଚ ଦିବସରେ ମଧ୍ୟାହ୍ନ ଭୋଜନ ବିରତି ସୁଦ୍ଧା ଇଂଲଣ୍ଡ କୌଣସି ୱିକେଟ୍ ନ ହରାଇ ୧୧୭ ରନ୍ ସଂଗ୍ରହ କରିଛି । ଭାରତର ୩୭୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛାକରି ଆୟୋଜକ ଇଂଲଣ୍ଡ ଏହି ରନ୍ ସଂଗ୍ରହ କରିଛି । ଗତକାଲି ଭାରତ ତା'ର ଦ୍ୱିତୀୟ ଇନିଙ୍ଗ୍‌ସରେ ସମସ୍ତ ୱିକେଟ୍ ହରାଇ କେ.ଏଲ୍. ରାହୁଲ୍ ଏବଂ ଋଷଭ୍ ପନ୍ତଙ୍କ ଉଲ୍ଲେଖନୀୟ ଶତକ ବଳରେ ୩୬୪ ରନ୍ ସଂଗ୍ରହ କରିଥିଲା । ପୂର୍ବରୁ ଭାରତର ପ୍ରଥମ ଇନିଙ୍ଗ୍‌ସର ୪୭୧ ରନ୍ ଜବାବରେ ଇଂଲଣ୍ଡ ତା'ର ପ୍ରଥମ ଇନିଙ୍ଗ୍‌ସରେ ୪୬୫ ରନ୍ କରିଥିଲା ।

*****